# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 11 March - 2026

**********************************

## ମୁଖ୍ୟ ସମ୍ବାଦ

- ବିଧାନସଭା ବଜେଟ୍ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ଗୃହକାର୍ଯ୍ୟ ସ୍ୱାଭାବିକ

– ବଳଭଦ୍ର ମିଶନରେ ୫ ବର୍ଷ ଲାଗି ୧୧ଟି ଜିଲ୍ଲାର ୯୦ ହଜାର ୬୭୦ ହେକ୍ଟର ଜମିରେ କରାଯିବ ଜୈବିକ ଚାଷ

– ରାଜ୍ୟର ୩୦ଟି ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ.–ଇ– ପାର୍କ ନିର୍ମାଣ ପାଇଁ ସରକାରଙ୍କ ନିଷ୍ପତ୍ତି; ଗୃହରେ ବିଭାଗୀୟ ମନ୍ତ୍ରୀଙ୍କ ସୂଚନା

- ଫୁଲବାଣୀ ରିଜର୍ଭ ପୁଲିସ ପଡ଼ିଆରେ ୧୦ ଜଣ ମାଓବାଦୀଙ୍କ ଆତ୍ମସମର୍ପଣ

ଏବଂ

- ଓଡ଼ିଆ ଭାଷାର ସ୍ୱତନ୍ତ୍ରତା ଓ ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆଜି ପାଳନ କରାଯାଉଛି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ

Assembly

## ବିଧାନସଭା-ଇଣ୍ଟ୍ରୋ

ସପ୍ତଦଶ ବିଧାନସଭା ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ତୃତୀୟ ଦିନରେ ଆଜି ଗୃହକାର୍ଯ୍ୟ ସ୍ୱାଭାବିକ ଚାଲିଛି। ପ୍ରଶ୍ନକାଳରେ ତିନୋଟି ପ୍ରଶ୍ନ ଉପରେ ଆଲୋଚନା ହୋଇଥିଲା। ଏମ୍.ଏସ୍.ଏମ୍.ଇ.–ଇ–ପାର୍କ' ପ୍ରତିଷ୍ଠା ଓ ଜୈବିକ ଚାଷ ସଂକ୍ରାନ୍ତୀୟ ପ୍ରଶ୍ନ ଉପରେ ସଦସ୍ୟମାନେ ଅତିରିକ୍ତ ପ୍ରଶ୍ନ ପଚାରିଥିଲେ। ଶୂନ୍ୟକାଳରେ ବିଜେଡି ସଦସ୍ୟମାନେ ଶେରଗଡ଼ ବ୍ଲକ ଅଧ୍ୟକ୍ଷଙ୍କୁ ଆକ୍ରମଣ ପ୍ରସଙ୍ଗ ଉଠାଇ ବାଚସ୍ପତି ସୁରମା ପାଢ଼ିଙ୍କ ରୁଲିଂ ଦାବି କରିଥିଲେ। ଏହି ପ୍ରସଙ୍ଗରେ ବିଜେଡି ସଦସ୍ୟମାନେ ଗୃହରେ ହଟ୍ଟଗୋଳ କରିବାରୁ ଗୃହ କାର୍ଯ୍ୟ ୨ ମିନିଟ ପାଇଁ ମୁଲତବୀ ରହିଥିଲା। ଅନ୍ୟପକ୍ଷେ ପ୍ରବାସୀ ଶ୍ରମିକଙ୍କ ସଂକ୍ରାନ୍ତରେ ଆସିଥିବା ମୁଲତବୀ ପ୍ରସ୍ତାବ ଉପରେ ଗୃହରେ ଆଲୋଚନା ହୋଇଥିଲା।

BBSR/R

## ବିଧାନସଭା-ଚାଷ

ରାଜ୍ୟରେ ବଳଭଦ୍ର ଜୈବିକ ଚାଷ ମିଶନରେ ୫ ବର୍ଷ ଲାଗି ୧୧ଟି ଜିଲ୍ଲାରେ ୯୦ ହଜାର ୬୭୦ ହେକ୍ଟର ଜମିରେ ଜୈବିକ ଚାଷ କରାଯିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଆଜି ଗୃହରେ ପ୍ରକାଶ କରିଛନ୍ତି। ସଦସ୍ୟ ଦୁର୍ଗାଚରଣ ତନ୍ତୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ହରିଚନ୍ଦନ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ

ପକ୍ଷରୁ ଉତ୍ତର ରଖି କହିଛନ୍ତି, ରାଜ୍ୟ ସରକାର ୨୦୨୫-୨୬ ଆର୍ଥିକ ବର୍ଷରୁ ବଳଭଦ୍ର ଜୈବିକ ଚାଷ ମିଶନ ଆରମ୍ଭ କରିଛନ୍ତି। ଏହି ଯୋଜନାରେ 'ଅମୃତ ଅନ୍ନ' ବିଭାଗ ମାଧ୍ୟମରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋଠଭୋଗ ଓ ମହାପ୍ରସାଦ ନିମନ୍ତେ ରସାୟନମୁକ୍ତ, ଜୈବିକ ସୁଗନ୍ଧିତ ଚାଉଳ ଓ ଡାଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନଙ୍କୁ  ଯୋଗାଇ ଦେବାର ବ୍ୟବସ୍ଥା କରାଯାଇଛି। ଏହା ଜଗନ୍ନାଥ ସଂସ୍କୃତିକୁ ସମୃଦ୍ଧ କରିବ। ମନ୍ତ୍ରୀ କହିଛନ୍ତି, ଚଳିତ ବର୍ଷ ରାଜ୍ୟରେ ମୋଟ ୧୬ ହଜାର ୮୭୦ ହେକ୍ଟର ଚାଷ ଜମିରେ ଜୈବିକ ଚାଷ ହେଉଛି, ତନ୍ମଧ୍ୟରୁ ୨୭୦ ହେକ୍ଟର ଜମିରେ 'ଅମୃତ ଅନ୍ନ' ଚାଷ କରାଯାଉଛି।

BBSR/R

## ବିଧାନସଭା- ଏମ୍.ଏସ୍.ଏମ୍.ଇ

ରାଜ୍ୟର ୩୦ଟି ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ.-ଇ' ପାର୍କ ନିର୍ମାଣ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ବିଭାଗୀୟ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଗୃହରେ କହିଛନ୍ତି। ସଦସ୍ୟ ମାନସ କୁମାର ଦତ୍ତଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୧୪ଟି ଜିଲ୍ଲାରେ ଏମ୍.ଏସ୍.ଏମ୍.ଇ.-ଇ' ପାର୍କ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ମାସରେ ଆଉ ୫ଟି ପାର୍କର ନିର୍ମାଣ କାର୍ଯ୍ୟସମ୍ପନ୍ନ ହେବ। ଇ-ପାର୍କ ପାଇଁ ସ୍ଥାନୀୟ ଭେଣ୍ଡରଙ୍କୁ ୪୦ରୁ ୫୦ ପ୍ରତିଶତ ଜମି ଯୋଗାଇ ଦିଆଯିବ।

ରାଜ୍ୟରେ ଅଧିକରୁ ଅଧିକ ଏମ୍.ଏସ୍.ଏମ.ଇ. ପ୍ରତିଷ୍ଠା ସହିତ ଏହାର ସୁଦୃଢ଼ୀକରଣ ପାଇଁ ରାଜ୍ୟ ସରକାର ଏକାଧିକ ପଦକ୍ଷେପ ନେଉଛନ୍ତି। ଚିଫ୍ ମିନିଷ୍ଟର୍ସ ସ୍କିମ୍ ଫର୍ ରିମ୍ବର୍ସମେଣ୍ଟ ଅଫ୍ ଇଣ୍ଟରେଷ୍ଟ (ସିଏମ୍–ଏସ୍.ଆର୍.ଆଇ.ଏମ୍) ଅଧୀନରେ ରାଜ୍ୟ ସରକାର ୫ କୋଟି ଟଙ୍କା ପର୍ଯ୍ୟନ୍ତ ରଣ ଉପରେ ସୁଧ ବହନ କରୁଛନ୍ତି। ଏମ୍.ଏସ୍.ଏମ୍.ଇ ପାଇଁ ଉଦ୍ଦିଷ୍ଟ ଉଦ୍ୟମ ପୋର୍ଟାଲରେ ଅଦ୍ୟାବଧି ୫ ଲକ୍ଷରୁ ଅଧିକ ଉଦ୍ୟୋଗୀ ଯୋଡ଼ି ହୋଇଛନ୍ତି।

ସଦସ୍ୟ କଳିକେଶ ନାରାୟଣ ସିଂହଦେଓଙ୍କ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି, ପୂର୍ବ ସରକାର ପିଏମ୍ ବିଶ୍ୱକର୍ମା ଯୋଜନାରେ ମାତ୍ର ୧ ହଜାର ୮୦୦ ଜଣଙ୍କୁ ଯୋଡ଼ିଥିଲେ। ନୂଆ ସରକାର ଆସିବା ପରେ ଏହି ଯୋଜନାରେ ୧ ଲକ୍ଷ ୫ ହଜାର ଲୋକଙ୍କୁ ଯୋଡ଼ା ଯାଇପାରିଛି। ଗ୍ରାମାଞ୍ଚଳର କୌଳିକ ବୃତ୍ତିର ପୁନରୁଦ୍ଧାର ହେବା ସହ ଏମ୍.ଏସ୍.ଏମ୍.ଇ. କ୍ଲଷ୍ଟର ନିର୍ମାଣ ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୩୦ କୋଟି ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦେଉଛନ୍ତି ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

BBSR/R

## ବିଧାନସଭା– ଏଟିଏମ୍ ଚାଉଳ

ରାଜ୍ୟର ଆଉ ୪ଟି ଜିଲ୍ଲାରେ ନୂତନ ଚାଉଳ ଏଟିଏମ୍ ଖୋଲାଯିବ ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗୃହରେ

ଉତ୍ତର ରଖିଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ପ୍ରଥମ ଚାଉଳ ଏଟିଏମ୍ ଖୋର୍ଦ୍ଧା ଜିଲ୍ଲାର ମଞ୍ଚେଶ୍ୱରଠାରେ ଖୋଲାଯାଇଛି। ଝାରସୁଗୁଡ଼ା, ନବରଙ୍ଗପୁର, କେନ୍ଦୁଝର ଓ ଢେଙ୍କାନାଳ ଜିଲ୍ଲାରେ ଏହି ଏଟିଏମ୍ ଖୋଲାଯିବ। ୨୦୨୪ ମସିହା ଜୁଲାଇ ମାସରୁ ଏ ପର୍ଯ୍ୟନ୍ତ ୨୦ ହଜାର ୨୧୭ ଜଣ ରାସନକାର୍ଡଧାରୀ ମୋଟ ୩ ହଜାର ୮୦୫ କୁଇଣ୍ଟାଲ ୧୪ କିଲୋଗ୍ରାମ ଚାଉଳ ଉଠାଇଛନ୍ତି।

BBSR/R

## ବିଧାନସଭା- ଭାଗଚାଷୀ

ରାଜ୍ୟର ସମସ୍ତ ଜିଲ୍ଲାରେ ୯ ଲକ୍ଷ ୫ ହଜାର ୧୮୪ ଜଣ ଭାଗଚାଷୀ ଅଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗୃହରେ ସୂଚନା ଦେଇଛନ୍ତି। ସଦସ୍ୟ ଗଣେଶ୍ୱର ବେହେରାଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ସିଂହଦେଓ କହିଛନ୍ତି, ବାଲେଶ୍ୱର ଜିଲ୍ଲାରେ ୧ ଲକ୍ଷ ୮ ହଜାର ୮୨୧, ପୁରୀରେ ୪୦ ହଜାର, କଟକରେ ୫୫ ହଜାର ୫୬୯ ଓ ଭଦ୍ରକ ଜିଲ୍ଲାରେ ୬୫ ହଜାର ୯୪୬ ଜଣ ଭାଗଚାଷୀ ରହିଛନ୍ତି।

BBSR/R

## ବିଧାନସଭା- ରାସନକାର୍ଡ

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪ ଲକ୍ଷ ୯୬ ହଜାର ୯୧୯ଟି ନୂତନ ରାସନ କାର୍ଡ ପ୍ରଦାନ କରାଯାଇଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଗୃହରେ ସୂଚନା ଦେଇଛନ୍ତି। ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପାତ୍ର କହିଛନ୍ତି, ନୂଆ ରାସନକାର୍ଡ ପାଇଁ ମୋଟ ୧୭ ଲକ୍ଷ

୩୮ ହଜାର ୯୪୬ଟି ଆବେଦନ ହସ୍ତଗତ ହୋଇଛି। ୩ ଲକ୍ଷ ୮୩ ହଜାର ୩୭୩ଟି ଆବେଦନର କ୍ଷେତ୍ର ତର୍ଜମା ଜାରି ରହିଛି। ଯୋଗ୍ୟ ଆବେଦନକାରୀଙ୍କୁ ତର୍ଜମା ଶେଷ ହେବାପରେ ରାସନକାର୍ଡ ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ଗୃହକୁ ଅବଗତ କରାଇଛନ୍ତି। ନୂଆ ରାସନକାର୍ଡ ଆବେଦନ ପାଇଁ ବର୍ତ୍ତମାନ ପୋର୍ଟାଲ ଖୋଲାଯାଇଛି। ସମସ୍ତେ ଏହା ମାଧ୍ୟମରେ ଆବେଦନ କରିପାରିବେ। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିଭାଗୀୟ ଅଧିକାରୀ କ୍ଷେତ୍ରସ୍ତରକୁ ଯାଇ ଯାଞ୍ଚ କରିବା ସହିତ ଯୋଗ୍ୟ ହିତାଧିକାରୀଙ୍କୁ ରାସନକାର୍ଡ ଯୋଗାଇଦେବେ ବୋଲି ମନ୍ତ୍ରୀ ଗୃହରେ କହିଛନ୍ତି।

Kandhamal

## ମାଓବାଦୀ ଆତ୍ମସମର୍ପଣ

ଫୁଲବାଣୀ ରିଜର୍ଭ ପୁଲିସ ପଡ଼ିଆରେ ନକ୍ସଲ ବିରୋଧୀ ଅପରେସନ୍ ଅତିରିକ୍ତ ପୁଲିସ ମହାନିର୍ଦ୍ଦେଶକ ସଞ୍ଜୀବ ପଣ୍ଡାଙ୍କ ଉପସ୍ଥିତିରେ ୧୦ ଜଣ ମାଓବାଦୀ ଅସ୍ତ୍ରଶସ୍ତ୍ର ସହ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ମଧ୍ୟରୁ ୭ ଜଣ ମହିଳା ମାଓବାଦୀ ଅଛନ୍ତି। ଦୁର୍ଦ୍ଧାନ୍ତ ମାଓବାଦୀ ସୋନୁ ପୋଟମଙ୍କ ସମେତ ୧୦ ଜଣ ମାଓବାଦୀଙ୍କ ନାମରେ ୧ କୋଟି ୬୫ ଲକ୍ଷ ୭୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କାର ଆର୍ଥିକ ରାଶି ଘୋଷଣା କରାଯାଇଥିଲା। ଆତ୍ମସମର୍ପଣ କରିଥିବା ମାଓବାଦୀମାନେ କେ.କେ.ବି.ଏନ୍. ସଂଗଠନ ପାଇଁ କାର୍ଯ୍ୟ କରୁଥିଲେ।

Desk

# ଓଡ଼ିଆ ଭାଷା ଦିବସ

ଶାସ୍ତ୍ରୀୟ ମାନ୍ୟତା ପାଇଥିବା ଓଡ଼ିଆ ଭାଷାର ବହୁଳ ବ୍ୟବହାର ଏବଂ ଏ ଦିଗରେ ସଚେତନତା ସୃଷ୍ଟି ଲାଗି ଆଜି ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରାଯାଉଛି । ୨୦୧୪ ମସିହା ଆଜିର ଦିନରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଥିଲା । ଶୁଣନ୍ତୁ ଏ ସମ୍ପର୍କରେ ସ୍ୱତନ୍ତ୍ର ରିପୋର୍ଟ...

**Tune**

ମାତୃଭାଷା କେବଳ ଭାବବିନିମୟର ମାଧ୍ୟମ ନୁହେଁ ବରଂ ଏହା ଆମ ସଭ୍ୟତା, ସଂସ୍କୃତିର ମୂଳଦୁଆ । ଓଡ଼ିଆ ଭାଷା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ବିଷୟ । ଏହାର ପ୍ରାଚୀନତା ଓ ସମୃଦ୍ଧ ସାହିତ୍ୟ ହଜାର ହଜାର ବର୍ଷ ଧରି ଭାରତୀୟ ସାହିତ୍ୟ ଓ ସଂସ୍କୃତିକୁ ସମୃଦ୍ଧ କରିଆସିଛି । ଓଡ଼ିଆ ଭାଷାର ମୂଳ ଶିଳାଲେଖଠାରୁ ଆରମ୍ଭ କରି ଶାରଳା ଦାସଙ୍କ ମହାଭାରତ, ଜଗନ୍ନାଥ ଦାସଙ୍କ ଭାଗବତ, ଉପେନ୍ଦ୍ର ଭଞ୍ଜଙ୍କ କାବ୍ୟ ଓ ଗଙ୍ଗାଧର ମେହେରଙ୍କ ସାହିତ୍ୟ ପର୍ଯ୍ୟନ୍ତ ସବୁଠି ଓଡ଼ିଆ ଭାଷାର ମାଧୁର୍ଯ୍ୟ ଓ ଗଭୀରତା ପ୍ରକାଶିତ ହୋଇଛି । ଏହି ଭାଷା କେବଳ ପୁସ୍ତକର ପୃଷ୍ଠାରେ ନୁହେଁ ଲୋକଗୀତ, ପାଲା, ଦାସକାଠିଆ ଓ ଲୋକ ସଂସ୍କୃତିର ଜୀବନ୍ତ ପ୍ରତିଛବି ।

**Tune**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦିବସର ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଆ ଭାଷା ଆମ ଗୌରବ ଓ ଅସ୍ମିତାର ପରିଚୟ। ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର ଦ୍ୱାରା ଆମ ପରମ୍ପରା, ସଂସ୍କୃତି ଓ ଐତିହ୍ୟ ସୁରକ୍ଷିତ ରହିପାରିବ ।

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ତାଙ୍କ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି, ଓଡ଼ିଆ ଭାଷାର ମାଧୁର୍ଯ୍ୟ ଓ ସାଂସ୍କୃତିକ ଚେତନା ରାଜ୍ୟକୁ ସ୍ୱତନ୍ତ୍ର କରିଛି। ଏହି ଭାଷାର ବ୍ୟବହାରକୁ ଦୈନନ୍ଦୀନ ଜୀବନରେ ଅଧିକ ପ୍ରାଧାନ୍ୟ ଦେବା ସହ ଏହାର ଗରିମାକୁ ବିଶ୍ୱ ଦରବାରରେ ପହଁଞ୍ଚାଇବା ପାଇଁ ସଂକଳ୍ପବଦ୍ଧ ହେବାକୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ସମସ୍ତ ରାଜ୍ୟବାସୀଙ୍କୁ ଶୁଭେଚ୍ଛା ଜଣାଇ କହିଛନ୍ତି, ମର୍ଯ୍ୟାଦା ସମ୍ପନ୍ନ ଓଡ଼ିଆ ଭାଷା ହେଉଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭାଷା। ଯାହା ବିଶ୍ୱର ଦ୍ୱିତୀୟ ସର୍ବାଧିକ ପାଣ୍ଡୁଲିପି ବହନ କରୁଛି।

ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଅବସରରେ ସାହିତ୍ୟିକା ହିରଣ୍ୟମୟୀ ମିଶ୍ର ଆକାଶବାଣୀକୁ କହିଛନ୍ତି...

**- V/O -**

ଆଜିର ଦିନ ଆମକୁ ସ୍ମରଣ କରାଇଥାଏ ଓଡ଼ିଆ ଭାଷାର ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ। ଭାଷାକୁ ଭଲ ପାଇବା, ବ୍ୟବହାର କରିବା ଓ ଏହାର ଗୌରବକୁ ଆଗାମୀ ପିଢ଼ି ପର୍ଯ୍ୟନ୍ତ ପହଁଞ୍ଚାଇବା।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

Ganjam

## ଆତ୍ମରକ୍ଷା ତାଲିମ

ଗଞ୍ଜାମ ଜିଲ୍ଲା ଛତ୍ରପୁରସ୍ଥିତ ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଶିକ୍ଷକ ମମତା ବେହେରା ଯୋଗଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବ ବୋଲି ଜଣାପଡ଼ିଛି।

Ganjam

## ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ

ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକ ମୁନିଷିପେଣ୍ଠ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରଠାରେ ଏଚ୍.ପି.ଭି. ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସରକାରଙ୍କ ଦ୍ୱାରା ପ୍ରଦତ୍ତ ରୋବୋଟିକ୍ ଆନାଲାଇଜର ମେସିନ ଓ ଆଇ.ଆର୍.ଇ.ଏଲ୍. ଦ୍ୱାରା ଦିଆଯାଇଥିବା ଆମ୍ବୁଲାନ୍ସକୁ ଉଦ୍‌ଘାଟନ କରାଯିବା ସହ ୧୪ ବର୍ଷରୁ ଊର୍ଦ୍ଧ୍ୱ ବାଳିକାମାନଙ୍କୁ କର୍କଟ ରୋଗରୁ ମୁକ୍ତି

ଦେବା ପାଇଁ ଏଚ୍.ପି.ଭି. ଟିକାକରଣ ପ୍ରକ୍ରିୟାର ପ୍ରଥମ ପର୍ଯ୍ୟାୟ ଶୁଭାରମ୍ଭ ହୋଇଛି ।

Kandhamal

## କସମ୍ ବୈଠକ

କନ୍ଧମାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ କସମ୍'ର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ବେଦଭୂଷଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାରେ ଉତ୍ପାଦିତ ଜୈବିକ ହଳଦୀର ଗୁଣବତ୍ତା ବୃଦ୍ଧି, ହଳଦୀର ପରିମାଣ ଏବଂ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ବୈଠକରେ କସମର ସମ୍ପାଦକ ସଂଜୀତ କୁମାର ପଟ୍ଟନାୟକ ଗତ ତିନିବର୍ଷର ବ୍ୟବସାୟ ଉପରେ ସୂଚନା ଦେଇଥିଲେ ।